**ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ)- ଅନୁଗୋଳ ଜିଲା ବାଗଡିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ମହାରାଷ୍ଟ୍ରରୁ ଢେଙ୍କାନାଳ ଜିଲା ମହାବିରୋଡ୍ ଥାନା ଆସନବାହାଲୀ ଗ୍ରାମରନ୍ତ ରାଜୀବ ବେହେରାଙ୍କୁ ଗିରଫ କରିଛି। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୬୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରାଜୀବଙ୍କ ଡାକ୍ତରୀମାଇନା ପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିବା ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁ ପ୍ରକାଶ କରିଛନ୍ତି।

# ମଞ୍ଚ ଦୁଲୁକାଇଲେ ନାଭିଆ, ମହମ୍ମଦ ଇର୍‌ଫାନ

## ଅନୁଗୋଳ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ଅନୁଗୋଳ, ୧୩।୧ (ଅମିତ କୁମାର ସାମଲ)**

ଗୁଡୁ ଗୁଡୁ ଗ୍ୟାଙ୍ଗଷ୍ଟାର..., ଆମେ ଅନୁଗୋଳିଆ ବାବୁ..., କାଟୁ କେସା ରାତ...., ଟିଙ୍ଗ ଟିଙ୍ଗ ରସିଆ.... ଏପରି ହିନ୍ଦୀ ଓ ଓଡ଼ିଆ ଗୀତରେ ଝୁମୁଥିଲା ପୂରା ଅନୁଗୋଳ ଷ୍ଟାଡିୟମ। ଦୀର୍ଘ ଦେଢ଼ ଘଣ୍ଟା ଧରି ଦୁଲୁକୁଥିଲା ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ବଲିଉଡ୍ ଷ୍ଟାର ସିଙ୍ଗର ନାଭିଆ ଜାଇତିଙ୍କ କଣ୍ଠରୁ ଝରି ପଡୁଥିବା ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ମାହୋଲକୁ ପୂରା ଜମାଇ ଦେଇଥିବା ବେଳେ ଏହାପରେ ମଞ୍ଚକୁ ଆସି ଜୋଶ୍ ଭରିଦେଇଥିଲେ ଅନ୍ୟତମ ବଲିଉଡ୍ ଗାୟକ ମହମ୍ମଦ ଇରଫାନ। ତାଙ୍କ ରୋମାଣ୍ଟିକ ବଲିଉଡ ସଙ୍ଗୀତ ବୟସ୍କଙ୍କ ଠାରୁ ଆରମ୍ଭ କରି ଯୁବଗୋଷ୍ଠୀଙ୍କୁ ବେଶ୍ ଛୁଇଁପାଇଥିଲା। ପେହେଲି ନଜର ମେ ଏସା ଯାଦୁ କରଦିଆ..., ଏ ମନ ତୁ କାହିଁ ଭଲ ପାଉଛୁ.., ମେ ରଙ୍ଗ ସରବୋତୋ କା ... ଆଦି ଗୀତ ଗାଇ ସେ ଦର୍ଶଙ୍କ ଭରପୁର ମନୋରଞ୍ଜନ କରିଥିଲେ।

ଦ୍ୱିତୀୟ ସନ୍ଧ୍ୟା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଟିଟିପିଏସ୍ ଇଡି ଗୌତମ ଦେବ, ଜେଏସ୍‌ପିଏଲ୍‌ର ମ୍ୟାଟେରିଆଲ ମୁଖ୍ୟ ଆଶିଷ ପାଣ୍ଡେ, ଟାଟାଷ୍ଟିଲ ଚିପ୍ ଅଫ ପ୍ଲାଣ୍ଟ ମୋହନ ଶର୍ମା ପ୍ରମୁଖଙ୍କୁ ଅନୁଗୋଳ ଉପ ଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆର୍‌ଡିସି ଡ. ଦଳେଇ ଜିଲାପାଳ ସ୍ୱାଇଁଙ୍କୁ ଧନ୍ୟବାଦ ଦେଇଥିଲେ। ଆର୍‌ଡିସି କହିଥିଲେ, ଜିଲାର ୫ଟି ସ୍ଥାନରେ ନିଆରା ମହୋତ୍ସବ ଆୟୋଜନ କରି କଳା ସହ ସଂସ୍କୃତିକୁ ପରିଚୟ କରାଇବାରେ ଜିଲାପାଳଙ୍କ ଭୂମିକା ଉଲ୍ଲେଖନୀୟ। ଏହି ମହୋତ୍ସବରେ ଜିଲା ସହ ଜିଲା ବାହାର ଏବଂ ରାଜ୍ୟ ବାହାର କଳାକାର ସାମିଲ ହୋଇଥିବାରୁ ଅଭୂତପୂର୍ବ ସଫଳତା ଆଣିଦେଇଛି। କଳାର ଆଦାନ ପ୍ରଦାନ ହୋଇପାରୁଛି ଏହି ମଞ୍ଚରେ। କାର୍ଯ୍ୟକ୍ରମ ଆରମ୍ଭରେ ବଅଁରପାଳର ନିୟୁ କ୍ରିଏଶନ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରିଯାଇଥିଲା। ଏହାପରେ ଭୁବନେଶ୍ୱରର ଆକୃତି ଡ୍ୟାନ୍ସ ଏକାଡେମି, ମାଲକାନଗିରିର କୋୟା ଡ୍ୟାନ୍ସ ଗ୍ରୁପ୍, ପଞ୍ଜାବୀ ଭେଲି, ଲୁଡୁ ଡ୍ୟାନ୍ସକୁ ଦର୍ଶକ ଉପଭୋଗ କରିଥିଲେ।


ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।


ମଞ୍ଚରେ ଆର୍‌ଡିସି, ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।



ବଲିଉଡ୍ ସିଙ୍ଗର ମହମ୍ମଦ ଇର୍‌ଫାନ ଓ ନାଭିଆ ଜାଇତି ସଙ୍ଗୀତ ପରିବେଷଣ କରୁଛନ୍ତି।

# ମହିଷମର୍ଦ୍ଦିନୀଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

**ଛେଣ୍ଡିପଦା, ୧୩।୧ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମର ମା' ମହିଷମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ତରାବନ୍ଧ ଗ୍ରାମ ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ଭୁବନ ଗଡ଼ତିଆ ଓ ଗ୍ରାମର ବେହେରା(ଦଳପତି)ମାନଙ୍କ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ପରିଚାଳିତ ହୋଇଥିଲା। ପ୍ରଥମେ ମା'ଙ୍କୁ ପଟୁଆରରେ ଗ୍ରାମର ଗ୍ରାମେଶ୍ୱରୀ ମନ୍ଦିରରୁ ବାହାର କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପୂଜାମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ଶକ୍ତିକ୍ଷେତ୍ର ଯୁବମଞ୍ଚ ଓ ଭାଗବତ ଟୁଙ୍ଗିର ସଭ୍ୟମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶକ୍ତିକ୍ଷେତ୍ର ଯୁବମଞ୍ଚ ସଭାପତି ରଞ୍ଜନ ସାହୁ, ସମ୍ପାଦକ ସନ୍ତୋଷ ସାହୁଙ୍କ ସମେତ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ମା'ଙ୍କ ଦର୍ଶନ ପାଇଁ ଯାଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ପରିକ୍ରମା ରଥକୁ ବିପୁଳ ସ୍ୱାଗତ

**ପରଜଙ୍ଗ, ୧୩।୧ (ନିଗମାନନ୍ଦ ଦଳବେହେରା)/ ଭୁବନ (ବିପିନ ବିହାରୀ ସେଠୀ)/ କାମାକ୍ଷାନଗର (ଅମଜାଦ ଖାନ)**




ଢେଙ୍କାନାଳ ଜିଲା ପରଜଙ୍ଗ, ଭୁବନ ଓ କାମାକ୍ଷାନଗର ବ୍ଲକରେ ଶନିବାର ପରିକ୍ରମା ରଥକୁ ବିପୁଳ ସ୍ୱାଗତ କରାଯାଇଛି। ପରଜଙ୍ଗ ବ୍ଲକ ପରଜଙ୍ଗ ପଞ୍ଚାୟତ ଡିହଡୋଳ, ସାଦନପଦା ସାହି, ଜହ୍ନାପଡା, ଖଣ୍ଟୁଆଳ ମୁଣ୍ଡା, ସନ୍ଥନଗର ସାହି, ଗଡଭିତର ସାହିର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଶତାଧିକ ଜଗନ୍ନାଥ ପ୍ରେମୀ ରଥକୁ ବନ୍ଦାପନା କରି ଅରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ସୁବ୍ରତ ଦାସ, ପ୍ରିୟଜିତ୍ ସାମଲ, ତପୁନ ସାମଲ, କଳିଙ୍ଗ ରାଉତ, ଗୁଡୁ ଦଳବେହେରା, ଜିତେନ୍ଦ୍ର ବେହେରା, ସନ୍ତୋଷ ସାମଲ ପରିଚାଳନା କରିଥିଲେ। ସେହିପରି ଭୁବନ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ପରିକ୍ରମା ରଥ ପରିକ୍ରମା କରିଛି। ସୁରପ୍ରତାପପୁର ପଞ୍ଚାୟତରେ ରଥ ପହଞ୍ଚିବା ପରେ ଜନସାଧାରଣ ବନ୍ଦାପନା କରି ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି କାମାକ୍ଷାନଗର ସହରର ୧୨ ଓ ୧୩ ନମ୍ବର ୱାର୍ଡ ରଥକୁ ନେଇ ପ୍ରକମ୍ପିତ ହୋଇଥିଲା। ପୁରୁଣା ଆଳତୁମା ଗାଁର ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ପରିକ୍ରମା ରଥ ଗଡ଼ିଥିଲା। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ନଗରପାଳ ଧର୍ମାନନ୍ଦ ପରିଡ଼ା, ଉପ ନଗରପାଳ ଶକୁନ୍ତଳା ସେଠୀ, ବିଜେଡି ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଗ୍ରାମ ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଦଧିବାମନ ମନ୍ଦିର କମିଟି ସଭାପତି ଦୁଷ୍ମନ୍ତ ନନ୍ଦ, ସମ୍ପାଦକ ହେମନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆତ୍ମବିଶ୍ୱାସ ରହିଲେ ବଡ଼ ମଣିଷ ହୋଇପାରିବ

**ଛେଣ୍ଡିପଦା, ୧୩।୧ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ଉଚ୍ଚ ବିଦ୍ୟାଳୟର ୭୫ତମ ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ଜୁବିଲି କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦ୍ୱିତୀୟ ଦିବସର ମଧ୍ୟାହ୍ନ ଅଧିବେଶନରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ କବିତା ପାଠ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନୁବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡା ବିଧାୟକ ମୁକେଶ ପାଲ, ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଆତ୍ମବିଶ୍ୱାସ ରହିଲେ ନିଶ୍ଚିତ ଭାବେ ବଡ଼ ମଣିଷ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଜୁବିଲି କମିଟି ସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସେଠୀ ବିବରଣୀ ପାଠ କରିଥିଲେ। ଜୁବିଲି କମିଟି ସାଧାରଣ ସମ୍ପାଦକ ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହାସ୍ୟ ଅଭିନେତା ହରିହର ମହାପାତ୍ର ଓ ବଲିଉଡ୍ ସିଙ୍ଗର ସବାବ ସାବ୍ରୀଙ୍କ ଗୀତରେ ଦର୍ଶକ ଝୁମିଥିଲେ।


ପ୍ଲାଟିନମ୍ ଜୁବିଲିର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆଜି ରାଜ୍ୟପାଳଙ୍କ ଆମ୍ବସରମୁଣ୍ଡା ଗସ୍ତ

**ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡାଠାରେ ଜଂଘାଦେବ ଠାକୁରଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ନବନିର୍ମିତ ଦାରୁ ବିଗ୍ରହଙ୍କ ଆସ୍ଥାନ ବିଜେ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହେବ। ଏ ନେଇ ଗୋଣ୍ଡୱାନା ପରିଷଦ (ଆଠମଲ୍ଲିକ) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ରାଜ୍ୟପାଳଙ୍କ ଗସ୍ତକୁ ନେଇ ଶୁକ୍ରବାର ଓ ଶନିବାର ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଏଥିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଅନୁଗୋଳ ଜିଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଆଇଆଇସି ଚିତ୍ତରଞ୍ଜନ ବେହେରା, ଠାକୁରଗଡ଼ ଆଇଆଇସି ନଟବର ନନ୍ଦ ଗସ୍ତ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।


ରାଜ୍ୟପାଳଙ୍କ ଗସ୍ତ ପୂର୍ବରୁ ଶନିବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ


ଜନତା କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସାତମାଇଲ, ୧୩।୧ (ସୁଶାନ୍ତ କୁମାର ପତି)**

ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା କଲେଜ ପରିସରରେ ଶନିବାର ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡିଆ ବିଭାଗ ଅଧ୍ୟାପକ ଡ. ନରେଶ ଚନ୍ଦ୍ର ନାୟକ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ, ବକ୍ତା ଭାବେ ଆଇନଜୀବୀ ଅଭୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଯୁକ୍ତ ୩ ନୋଡାଲ ଅଧିକାରିଣୀ ଅଧ୍ୟାପିକା ଡ. ପୁଷ୍ପାରାଣୀ ନାଥ, ଯୁକ୍ତ ୨ ନୋଡାଲ ଅଧିକାରିଣୀ ଅଧ୍ୟାପିକା ଡ. ଗୌତମୀ ନାୟକ, ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ବସନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପିକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଖାଦ୍ୟର ମାନ ଯାଞ୍ଚ କଲେ ଖାଦ୍ୟ ଆୟୋଗ ସଦସ୍ୟ

**ପରଜଙ୍ଗ, ୧୩।୧ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକର ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଶନିବାର ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା। ପିତିରି, ଓଡ଼ିସିଂହା, ଖଇରାମୁଣ୍ଡା, ଗଣ୍ଡତଇଲା, ଡିହକମର ଅଙ୍ଗନୱାଡି କେନ୍ଦ୍ର ଏବଂ ଖଇରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡତଇଲା, କମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ। ଗଣ୍ଡତଇଲା ଅଙ୍ଗନୱାଡି କେନ୍ଦ୍ର ଓ ଖଇରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କିଛିଟା ତ୍ରୁଟିବିଚ୍ୟୁତି ଦେଖି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ।

# ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

**ଆଠମଲ୍ଲିକ, ୧୩।୧ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ସେବାଶ୍ରମ ସ୍କୁଲ ନିକଟରେ ଗୋଁଣ୍ଡୱାନ ପରିଷଦର ଆଠମଲ୍ଲିକ କେନ୍ଦ୍ର କମିଟି ପକ୍ଷରୁ ନବନିର୍ମିତ ଜଂଘାଦେବ ଠାକୁରଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶନିବାର ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢୋଲ, ତୁରି ଓ ଘଣ୍ଟ ବାଦ୍ୟ ସହ ସହସ୍ରାଧିକ ମହିଳା ଏଥିରେ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ପୂଜା କମିଟି ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସ୍ତ୍ରୀ ଲିନା ସାଏ କର୍ତ୍ତା ଭାବରେ ଯୋଗ ଦେଇଥିଲେ। କଳସଯାତ୍ରା ମନ୍ଦିର ନିକଟରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। କମିଟି ସମ୍ପାଦକ ଭଜମନ ନାଏକ, ଆନନ୍ଦ ନାଏକ, ଜୟକୃଷ୍ଣ ନାଏକ, କୁଶ ନାଏକ, ବସନ୍ତ ନାଏକ, ପ୍ରସନ୍ନ ନାଏକ, ମାଗୁଣି ନାଏକ, ସନାତନ ନାଏକ, ପ୍ରଫୁଲ୍ଲ ନାଏକ, ଚୌଧୁରୀ ସାଏଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# 'ଧୈର୍ଯ୍ୟର ମାଇଲ ଖୁଣ୍ଟ ଥିଲେ ଦ୍ୱାରିକା ମୋହନ'

**ତାଳଚେର, ୧୩।୧ (ମନୋଜ ନନ୍ଦ)/ଢେଙ୍କାନାଳ, (ରତନ ନାୟାର):**

ଢେଙ୍କାନାଳସ୍ଥିତ ଦତ୍ତାତ୍ରେୟ ଆଶ୍ରମ ପରିସରରେ ସାଇ ଆଶ୍ରମର ପ୍ରତିଷ୍ଠାତା ତଥା ବର୍ଷୀୟାନ ଶ୍ରମିକ ନେତା ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଚ୍ଚିଦାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ, ଉତ୍କଳ ଭୂଷଣ ରାଉତରାୟ, ପ୍ରମୋଦ ନନ୍ଦ, ରାଜକିଶୋର ଦାସ, ଡା. ଜ୍ଞାନଗୁରୁ ଦାଶ, ଦେବୀ ମିଶ୍ର, ବିଧାନ ଚନ୍ଦ୍ର ପଟ୍ଟନାୟକ, ପ୍ରସନ୍ନ କୁମାର ମିଶ୍ର, ପଙ୍କଜ ଲୋଚନ ପତି, କିଶନ ବିଶ୍ୱାଳ, ପ୍ରସନ୍ନ ତ୍ରିପାଠୀ, ପ୍ରମୋଦ ମହାପାତ୍ର, ମନୋରଞ୍ଜନ ପଟ୍ଟନାୟକ, ସରୋଜ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସମାଜକୁ ଆଗକୁ ନେବାକୁ ସ୍ୱର୍ଗତ ମିଶ୍ର ସର୍ବଦା ଉଦ୍ୟମ ଜାରି ରଖିଥିଲେ। ସେ ଜଣେ କର୍ମବୀର ଓ ଧୈର୍ଯ୍ୟର ମାଇଲ ଖୁଣ୍ଟ ଥିଲେ। ତାଙ୍କ କାର୍ଯ୍ୟଶୈଳୀ ଓ ଚିନ୍ତାଧାରାକୁ ଅନୁସରଣ କରି କିଛି ଭଲ କରିପାରିଲେ ତାହା ସ୍ୱର୍ଗତ ମିଶ୍ରଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଡା. ସୁରେନ୍ଦ୍ର ମହାନ୍ତି, ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଢେଙ୍କାନାଳ ଓକିଲ ସଂଘ ସଭାପତି ଗୋପାଳ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଭାରତୀୟ ଶାସ୍ତ୍ରୀୟ ନୀଳୟମ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଶ୍ରମର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ମହାନ୍ତି, ଆବାହକ ଅଖିଳ କୁମାର ଜେନା, ସଞ୍ଜୟ ଜେନା, ଅକ୍ଷୟ କୁମାର ଜେନା ପ୍ରମୁଖ ପ୍ରସାଦ ସେବନ କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ଦୁଇ ପୁତ୍ର ଶାନ୍ତିବର୍ଦ୍ଧନ ମିଶ୍ର, ଜୟବର୍ଦ୍ଧନ ମିଶ୍ର ଓ ପରିବାର, ବନ୍ଧୁବର୍ଗ ଉପସ୍ଥିତ ଥିଲେ।



# ଜାଲ୍ ଦସ୍ତଖତ, ପ୍ରମାଣପତ୍ର ଦେଇ କ୍ଷତିପୂରଣ ଟଙ୍କା ହଡ଼ପ

## ନକଲି ସମ୍ପର୍କୀୟ ସାଜି ମୃତକଙ୍କ ଜମି ବିକ୍ରି ପାଇଁ ଉଦ୍ୟମ

## ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)**

ରାଜପଥ ସମ୍ପ୍ରସାରଣ ପାଇଁ ହୋଇଛି ଜମି ଅଧିଗ୍ରହଣ। ହେଲେ କ୍ଷତିପୂରଣ ଟଙ୍କା ନେବାକୁ ଜମି ମାଲିକ କି ତାଙ୍କର କେହି ସମ୍ପର୍କୀୟ ନାହାନ୍ତି। ଜମି ମାଲିକଙ୍କ ମୃତ୍ୟୁ ହୋଇସାରିଥିବାରୁ କ୍ଷତିପୂରଣ ବାବଦ ୨୦ ଲକ୍ଷ ଟଙ୍କାକୁ ଜାଲ୍ ଉତ୍ତରାଧିକାରୀ ପ୍ରମାଣପତ୍ର ଜରିଆରେ କରାଯାଇଛି ହଡ଼ପ। ଏପରି କି ମୃତକଙ୍କ ନାମରେ ଥିବା ଆଉ କିଛି ଜମିକୁ ବିକ୍ରି ପାଇଁ କରାଯାଇଛି ମସୁଧା। ଅନୁଗୋଳ ଜିଲା କିଶୋରନଗର ତହସିଲର ନାକିଚି ରାଜସ୍ୱ ବିଭାଗ ଅଧୀନରେ ଥିବା ଠେଲକନାଳୀ ଗ୍ରାମରେ ଘଟିଛି ଏପରି ଜାଲିଆତି ଘଟଣା। ଏ ନେଇ ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ସାକ୍ଷୀଙ୍କ ଦସ୍ତଖତ ବେଳେ ଗ୍ରାମର ସମୀର କୁମାର ପ୍ରଧାନଙ୍କ ଦସ୍ତଖତକୁ ଜାଲିଆତି କରାଯାଇଥିବା ନେଇ ମଧ୍ୟ ସମୀର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ରାଜସ୍ୱ ମନ୍ତ୍ରୀ, ସଚିବ, ୫-ଟି ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ଠେଲକନାଳୀ ମୌଜା ଖାତା ନମ୍ବର ୮୮ ଏ'ରେ ୦୩.୬୮ ଡିସିମିଲ ଜମି ସେହି ଗ୍ରାମର ରାମ ପାତ୍ର, ପିତା ଚିନ୍ତା ପାତ୍ରଙ୍କ ନାମରେ ରହିଛି। ଦୀର୍ଘବର୍ଷ ତଳୁ ଚିନ୍ତା ଓ ରାମ ପାତ୍ରଙ୍କ ପରଲୋକ ହୋଇଯାଇଥିବା ବେଳେ ଉକ୍ତ ଜମିରୁ କିଛିଅଂଶ ଜାତୀୟ ରାଜପଥ ସାମ୍ପ୍ରସାରଣ ପାଇଁ ଅଧିଗ୍ରହଣ କରାଯାଇଛି। ଉକ୍ତ ଜମି ବାବଦ କ୍ଷତିପୂରଣ ଟଙ୍କା ପାଇବା ପାଇଁ ରାମ ପାତ୍ରଙ୍କ କୌଣସି ସମ୍ପର୍କୀୟ ନାହାନ୍ତି। ତେଣୁ ଉକ୍ତ ଟଙ୍କା ଅନୁଗୋଳ ଏନ୍‌ଏଚ୍ କାର୍ଯ୍ୟାଳୟଠାରେ ପଡିରହିଥିଲା। ଏହା ଜାଣିବା ପରେ ଉକ୍ତ ଟଙ୍କାକୁ ହଡ଼ପ କରିବା ପାଇଁ କେତେଜଣ ଜମି ମାଫିଆ ଜଣେ ଯୁବତୀଙ୍କୁ ନକଲି ସମ୍ପର୍କୀୟ ସଜାଇଛନ୍ତି। ସେମାନେ ନାକିଚି ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ସମ୍ପୃକ୍ତା ଯୁବତୀଙ୍କ ନାମରେ ଏକ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାରକରି ଏନ୍‌ଏଚ୍ କାର୍ଯ୍ୟାଳୟରେ ଦାଖଲ କରି ପଡ଼ିରହିଥିବା କ୍ଷତିପୂରଣ ବାବଦ ୨୦ ଲକ୍ଷ ଟଙ୍କା ଉଠାଣ କରିଛନ୍ତି। ଏହାପରେ ସେମାନେ ସ୍ୱର୍ଗତ ରାମ ପାତ୍ରଙ୍କ ବଳକା ଜମିକୁ ବିକ୍ରି କରିବା ପାଇଁ ଯୋଜନା ଚଳାଇଛନ୍ତି। ଏହି ଜାଲିଆତି ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀ ଓ ଗ୍ରାମର ସମୀର କୁମାର ଏହାକୁ ବିରୋଧ କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜମି ମାଫିଆମାନେ ରାଜସ୍ୱ କାର୍ଯ୍ୟାଳୟ ଓ ତହସିଲର କେତେଜଣ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ନେଇ ଜମି ହଡପ କରିବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏ ନେଇ ସେମାନେ ପୂର୍ବରୁ ତହସିଲ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ସହ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର କହିଛନ୍ତି, ରାମ ପାତ୍ରଙ୍କ ନାମରେ ଥିବା ଜମିକୁ ବ୍ଲକ୍ କରି ଦିଆଯାଇଛି। ଉକ୍ତ ଘଟଣାର ତଦନ୍ତ ଚାଲିଛି। ପ୍ରମାଣପତ୍ରଗୁଡିକ ଯାଞ୍ଚ ପାଇଁ ଦିଆଯାଇଛି। ଉତ୍ତରାଧିକାରୀ ପ୍ରମାଣପତ୍ର ନାକଚ ପାଇଁ ଉପଜିଲାପାଳଙ୍କୁ ଅବଗତ କରାଯାଇଛି।

